# କେନ୍ଦୁଝରଗଡ ପୌରପରିଷଦ କାର୍ଯ୍ୟାଳୟ, କେନ୍ଦୁଝରଗଡ

ପତ୍ର ସଂଖ୍ୟା . 1140 ତା 15.02.23 ରିଖ

## ବିଜ୍ଞାପନ

ଏତଦ୍ୱାରା କେନ୍ଦୁଝରଗଡ ପୌରାଞ୍ଚଳର ସମସ୍ତ NGO, ଏବଂ Man power Agency ମାନଙ୍କଅବଗତି ନିମନ୍ତେ ଜଣାଇ ଦିଆଯାଉଅଛି କି ଯେ କେନ୍ଦୁଝରଗଡ ପୌରପାଳିକା ସନ୍ନିକଟ ଜେଲରୋଡଠାରେ ରାସ୍ତାକଡରେ ବସି ବେପାର କରୁଥିବା ଉଠା ଦୋକାନୀ ମାନଙ୍କଠାରୁ ଦୈନିକ ମାହାସୁଲ ଆଦାୟ ନିମନ୍ତେ ନିୟୋଜିତ ହେବା ସକାଶେ କେନ୍ଦୁଝରଗଡ ପୌରପାଳିକା ତରଫରୁ ଇଚ୍ଛୁକ NGO, ଏବଂ Man power Agency ମାନଙ୍କ ଠାରୁ ଜଉମୁଦ ଟେଣ୍ଡର ଆହ୍ୱାନ କରାଯାଉଅଛି । ଉକ୍ତ ଟେଣ୍ଡର ସମ୍ବନୀୟ ସମସ୍ତ ତଥ୍ୟ ଓ ସର୍ତ୍ତାବଳୀ କେନ୍ଦୁଝରଗଡ ପୌରପାଳିକାର website.www.keonjharmc.in /www.kendujhar.nic.in ତା.୧୫.୦୨.୨୦୨୩ ଦିବା.୧୧.୦୦ ଘଟିକା ଠାରୁ ତା.୨୮.୦୨.୨୦୨୩ରିଖ ଦିବା.୫.୩୦ ମଧ୍ୟରେ ଉପଲବ୍ଧ ହେବ । ଇଚ୍ଛୁକ ପ୍ରାର୍ଥୀ ଉକ୍ତ ଟେଣ୍ଡର ସମ୍ବନ୍ଧୀୟ ସମସ୍ତ କାଗଜାତ ତା.୧୫.୦୨.୨୦୨୩ ଦିବା.୧୧.୦୦ଘଟିକା ଠାରୁ ତା ୨୮.୦୨.୨୦୨୩ରିଖ ଦିବା.୫.୩୦ ମଧ୍ୟରେ କେନ୍ଦୁଝରଗଡ ପୌରପାଳିକାରେ website.www.keonjharmc.in /www.kendujhar.nic.in ରୁ ପାଇପାରିବେ । ଇଚ୍ଛୁକ ପ୍ରାର୍ଥୀ ଉକ୍ତ ଟେଣ୍ଡର ସମ୍ବନ୍ଧୀୟ ସମସ୍ତ କାଗଜାତ ତା.୦୨.୦୩.୨୦୨୩ ଦିବା.୫.୩୦ଘଟିକା ମଧ୍ୟରେ କେନ୍ଦୁଝରଗଡ ପୌରପାଳିକାରେ ନିର୍ଦ୍ଧାରୀତ ଟେଣ୍ଡର ବାକ୍ସରେ ପକାଇ ପାରିବେ । ନିର୍ଦ୍ଧାରିତ ସମୟପରେ କୌଣସି ଦରଖାସ୍ତ ଗ୍ରହଣ କରାଯିବ ନାହିଁ । ଟେଣ୍ଡରରେ ଭାଗନେବା ବ୍ୟକ୍ତି ନିର୍ଦ୍ଧାରିତ ଟେଣ୍ଡର ମୂଲ୍ୟର ୨୫ ପ୍ରତିଶତ ଅମାନତ ଟଙ୍କା Executive Officer, Keonjhargarh Municipality ଙ୍କ ନାମରେ ବ୍ୟାଙ୍କ ଡ୍ରାଫ୍ଟ ଆକାରରେ ଟେଣ୍ଡର ପେପର ସହିତ ଦାଖଲ କରିବେ । ଉକ୍ତ ଟେଣ୍ଡର ତା.୦୩.୦୩.୨୦୨୩ ରିଖ ଦିବା.୧୨.୦୦ଘଟିକା ସମୟରେ ଟେଣ୍ଡରଦାତା କିମ୍ବା ତାଙ୍କର କ୍ଷମତା ପ୍ରାପ୍ତ ବ୍ୟକ୍ତିଙ୍କ ଉପସ୍ଥିତିରେ ଖୋଲାଯିବ । କର୍ତ୍ତୃପକ୍ଷ ଚାହିଁଲେ ବିନା ନୋଟିସରେ କୌଣସି କାରଣ ନ ଦର୍ଶାଇ ଟେଣ୍ଡର ରଦ୍ଧ କରିପାରିବେ । ଯେଉଁ ସଂସ୍ଥା ଟେଣ୍ଡର ପାଇବେ ସେ ପରିଷଦର ନିର୍ଦ୍ଦେଶ ଅନୁଯାୟୀ ତଥା ଚୁକ୍ତି ପତ୍ରର ସର୍ତ୍ତାବଳୀ ମୁତାବକ ଜେଲରୋଡସ୍ଥିତ ଉଠା ଦୋକାନୀ ମାନଙ୍କଠାରୁ ଦୈନିକ ମାହାସୁଲ ଆଦାୟ କରିବେ । ସର୍ତ୍ତ ଖିଲାପ କିମ୍ବା ନିୟମାନୁଯାୟୀ କାର୍ଯ୍ୟପରିଚାଳନା ନକଲେ ସେମାଙ୍କର ଟେଣ୍ଡରକୁ ରଦ୍ଧ କରାଯିବ । ଏଥିପାଇଁ କର୍ତ୍ତୃପକ୍ଷ ଦାୟୀ ରହିବେ ନାହିଁ ।

| କ୍ର ନଂ | ସ୍ଥାନର ବିବରଣୀ | ଟେଣ୍ଡର କାର୍ଯ୍ୟକାଳ | ଅପସେଟ ମୂଲ୍ୟ | ଅମାନତ ଟଙ୍କା |
|---|---|---|---|---|
| ୧ | ଜେଲରୋଡ ସ୍ଥିତ ଉଠା ଦୋକାନ | ୧ ବର୍ଷ | ୩,୬୦,୦୦୦/- | ୯୦,୦୦୦/- |

ସୁସ୍ମିତା ସାମନ୍ତରାୟ
ନିର୍ବାହୀ ଅଧିକାରୀ
୧୪/୨/୨୦୨୩
କେନ୍ଦୁଝରଗଡ ପୌରପାଳିକା

Memo No 1141 /KGM dt 14.02.23

Copy in duplicate forwarded to Deputy Director (Advt.) & Deputy Secretary to Govt. information and Public Relation Department, Odisha, Bhubaneswar for information with a request to publish this Notice in Two Odia local daily News Paper in 96 Sq.cm. space for wide circulation, it is requested to ensure the publication of above Notice before dt.**15.02.2023**. Copy of the newspapers wherein the advertisement is published may please be sent to this office for necessary action.

ସୁସ୍ମିତା ସାମନ୍ତରାୟ
Executive Officer
Keonjhargarh Municipality
୧୪/୨/୨୦୨୩

ପରିପତ୍ର ସଂଖ୍ୟା 1142 ତା 14.02.23

ଏହାର ଏକକିତା ନକଲ ସହରାଞ୍ଚଳ ପ୍ରକଳ୍ପ ଅଧିକାରୀ, କେନ୍ଦୁଝର/ ଉପଜିଲ୍ଲାପାଳ,କେନ୍ଦୁଝର/ ତହସିଲଦାର, ସଦର କେନ୍ଦୁଝର/ ଗୋଷ୍ଠୀଉନ୍ନୟନ ଅଧିକାରୀ କେନ୍ଦୁଝରଙ୍କ ଅବଗତି ତଥା ଜନସାଧାରଣଙ୍କ ଅବଗତି ନିମନ୍ତେ ସେମାନଙ୍କର ଅଫିସ ନୋଟିସ ବୋର୍ଡରେ ଝୁଲାଇ ରଖିବାକୁ ପ୍ରେରଣ କରାଗଲା ।

ଏହାର ଏକକିତା ନକଲ କାର୍ଯ୍ୟାଳୟ ନୋଟିସ ବୋର୍ଡରେ ଜନସାଧାରଣଙ୍କ ଅବଗତ ନିମନ୍ତେ ଝୁଲାଇ ରଖାଗଲା ।

ନିର୍ବାହୀ ଅଧିକାରୀ

କେନ୍ଦୁଝରଗଡ ପୌରପାଳିକା

## ସର୍ତ୍ତାବଳୀ

୧)ଇଛୁକ ଆବେଦନକାରୀ ନିଜର ଡାକ ମୂଲ୍ୟ (ଧାର୍ଯ୍ୟ ହୋଇଥିବା ରାଶିଠାରୁ ଅଧିକ) ସାଧା କାଗଜରେ ଟେଣ୍ଡର ନୋଟିସରେ ଦିଆଯାଇଥିବା ଫର୍ମ ଅନୁଯାୟୀ ଉଲ୍ଲେଖ କରି ବନ୍ଦ ଲଫାଫା ମାଧ୍ୟମରେ ଅଫିସରେ ନିର୍ଦ୍ଧାରୀତ ବାକ୍ସରେ ପକାଇ ପାରିବେ ।

୨)ଧାର୍ଯ୍ୟ ମୂଲ୍ୟର ୨୫% ଆବେଦନ ଦରଖାସ୍ତ ସହ କେନ୍ଦୁଝର ସ୍ଥିତ କୌଣସି ଜାତୀୟ କରଣ ବ୍ୟାଙ୍କରୁ ଡ୍ରାଫ୍ଟ / ବ୍ୟାଙ୍କର ଚେକ୍, ନିର୍ବାହୀ ଅଧିକାରୀ, କେନ୍ଦୁଝରଗଡ ପୌରପାଳିକାଙ୍କ ନାମରେ ଥିବା ଉଚିତ । ଉକ୍ତ ଜମାରାଶିର ଡ୍ରାଫ୍ଟ/ବ୍ୟାଙ୍କର ଚେକ୍ ସଂଲଗ୍ନ ହୋଇନଥିବା ଦରଖାସ୍ତକୁ ବିଚାରକୁ ନିଆଯିବ ନାହିଁ । ଆବେଦନକାରୀ ସେମାନଙ୍କ ସଂସ୍ଥା ପାସବୁକର ଜେରକ୍ସ, ଆଧାର କାର୍ଡ, ରେଜିଷ୍ଟ୍ରେସନ ନମ୍ବର ଆଦି ସଂଲଗ୍ନ କରିବା ଆବଶ୍ୟକ ।

୩)ଅସଫଳ ଡାକମୂଲ୍ୟ ଆବେଦନକାରୀଙ୍କ ଆବେଦନ ରାଶିର ଚେକ୍ ଆବଣ୍ଟନ ପ୍ରକ୍ରିୟା ଚୁଡାନ୍ତ ପରେ ଫେରସ୍ତ କରାଯିବ ।

୪)ଉକ୍ତ ପ୍ରକ୍ରିୟାରେ କେନ୍ଦୁଝରଗଡ ପୌରପାଳିକା କର୍ତ୍ତୃପକ୍ଷଙ୍କ ନିଷ୍ପତ୍ତି ଚୁଡାନ୍ତ ଅଟେ । ପୌରପାଳିକା କର୍ତ୍ତୃପକ୍ଷ କୌଣସି କାରଣ ନଦର୍ଶାଇ ଯେ କୌଣସି ଆବେଦନ କିମ୍ବା ସଂପୂର୍ଣ୍ଣ ପ୍ରକ୍ରିୟାକୁ ରଦ୍ଦ କରିପାରିବେ ।

୫)ଏହି ବିଜ୍ଞାପନ ସମ୍ବନ୍ଧୀୟ କୌଣସି ତଥ୍ୟ କିମ୍ବା ସ୍ପଷ୍ଟିକରଣ ପାଇଁ ପୌରପାଳିକାରେ ସମସ୍ତ କାର୍ଯ୍ୟ ଦିବସରେ ଦିବା ୧୧ ଘଟିକାରୁ ଅପରାହ୍ନ ୫:୩୦ ମଧ୍ୟରେ ଯୋଗାଯୋଗ କରି ବୁଝିପାରିବେ ।

୬)ଟେଣ୍ଡରରେ ଅଂଶ ଗ୍ରହଣ କରିବା ବ୍ୟକ୍ତି କେନ୍ଦୁଝରଗଡ ପୌରପରିଷଦର ସ୍ଥାୟୀ ବାସିନ୍ଦା ହୋଇଥିବେ ।

୭)ଯେଉଁ ବ୍ୟକ୍ତି/ସଂସ୍ଥାଙ୍କ ନାମରେ ଟେଣ୍ଡର ଚୁଡାନ୍ତ ହେବ, ସେ ଉକ୍ତ ବାବଦରେ ଏକ ଚୁକ୍ତିପତ୍ର ସମ୍ପାଦନ କରିବାକୁ ବାଧ୍ୟହେବେ ।

୮)ଜେଲରୋଡ ସ୍ଥିତ ଉଠା ଦୋକାନୀ ମାନଙ୍କଠାରୁ ଦୋକାନ ପିଛା ଦୈନିକ ଟ୧୦.୦୦ ଲେଖାଏଁ ଆଦାୟ କରାଯିବ ଏହାଛଡା ଅଧିକ ଆଦାୟ ହୋଇପାରିବ ନାହିଁ ।

୯)ଜେଲରୋଡ ସ୍ଥିତ ଉଠା ଦୋକାନୀଙ୍କ ଛଡା ଅନ୍ୟ ସ୍ଥାନରୁ ମାହାସୁଲ ଆଦାୟ କରିପାରିବେ ନାହିଁ ।

୧୦)ପରିଷଦର କର୍ମଚାରୀ କିମ୍ବା ସେମାନଙ୍କ ପରିବାରର କୌଣସି ବ୍ୟକ୍ତି ଉକ୍ତ ଟେଣ୍ଡରରେ ଅଂଶଗ୍ରହଣ କରିପାରିବେ ନାହିଁ ।

ନିର୍ବାହୀ ଅଧିକାରୀ

କେନ୍ଦୁଝରଗଡ ପୌରପାଳିକା